ସ୍ତନ୍ୟପାନ
ଜୀବନର ମୂଳଭିତ୍ତି

ଭାରତ : ବିଶ୍ୱ ସ୍ତନ୍ୟପାନ ସପ୍ତାହ (୧-୭ ଅଗଷ୍ଟ ୨୦୧୮)

ସ୍ତନ୍ୟପାନ
ଜୀବନ ପାଇଁ ପୋଷଣ

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ଉଦ୍ଦେଶ୍ୟ

ଜୀବନର ମୂଳଦୂଆ ଏବଂ ପୋଷଣ ସହିତ ସ୍ତନ୍ୟପାନ କିପରି ଜଡ଼ିତ, ସେ ସମ୍ପର୍କରେ ଜନ ସଚେତନତା ସ୍ତର ବୃଦ୍ଧି କରାଇବା ।

ସ୍ତନ୍ୟପାନ/ନବଜାତ ଏବଂ ଛୋଟ ଶିଶୁ ମାନଙ୍କର ଖାଦ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ଜାତୀୟ/ରାଜ୍ୟ/ଜିଲ୍ଲା ସ୍ତରୀୟ ନୀତି ଏବଂ କାର୍ଯ୍ୟକ୍ରମର ଯୋଜନାକୁ ତ୍ୱରାନିତ କରାଇବା ପାଇଁ ଅଗ୍ରାଧିକାର ଦେବା ।

ସ୍ତନ୍ୟପାନ : ଜୀବନର ମୂଳଭିତ୍ତି ଏବଂ ଜୀବନ ପାଇଁ ପୋଷଣ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଏବଂ ୟୁନିସେଫ୍ (UNICEF)ଙ୍କ ପରାମର୍ଶ ଅନୁସାରେ ଶିଶୁକୁ ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ ଆରମ୍ଭ କରାଇବା, ଜୀବନର ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ (ଅନ୍ୟ କୌଣସି ଖାଦ୍ୟ ବା ପାନୀୟ ନ ଦେଇ) ଏବଂ ୨୪ ମାସ ବା ତଦୁର୍ଦ୍ଧ ବୟସ ପର୍ଯ୍ୟନ୍ତ ଅନୁପୂରକ ଖାଦ୍ୟ (ସ୍ତନ୍ୟପାନ ସହିତ ବୟସ ଅନୁଯାୟୀ ଉପଯୁକ୍ତ ଖାଦ୍ୟ) ସହିତ ସ୍ତନ୍ୟପାନକୁ ଜାରି ରଖିବା ।

ସ୍ତନ୍ୟପାନ ନବଜାତ ଶିଶୁମାନଙ୍କୁ ଖୁଆଇବାର ଏକ ସାଧାରଣ ପଦ୍ଧତି ଏବଂ ଏହା ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ଜୀବିତାବସ୍ଥା, ପୁଷ୍ଟିସାଧନ ଏବଂ ଅଭିବୃଦ୍ଧି ପାଇଁ ଜରୁରୀ ଅଟେ । କାରଣ ନବଜାତ ଏବଂ ଛୋଟ ଶିଶୁମାନେ କେବଳ ସମ୍ବେଦନଶୀଳ ନୁହଁନ୍ତି ବରଂ ଉଦ୍‌ବେଗଜନିତ ତଥ୍ୟ ହେଉଛି, ଜୀବନର ପ୍ରଥମ ଦୁଇ ବର୍ଷ ଭିତରେ ମଣିଷ ମସ୍ତିଷ୍କର ବିକାଶ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଏ । ଏହା ହେଉଛି ସେହି ସମୟ, ଯେତେବେଳେ ସ୍ତନ୍ୟପାନ ଉତ୍ତମ ବିକାଶ ପାଇଁ ଆବଶ୍ୟକ ସ୍ପର୍ଶ ଓ ଦୃଷ୍ଟି ଶକ୍ତିର ବିନିମୟରେ ସାହାଯ୍ୟ କରିଥାଏ । ଏହା ଶିଶୁମାନଙ୍କର ସକାରାତ୍ମକ ବିକାଶ ତଥା ମେଧାଶକ୍ତି (IQ) ବଢ଼ାଇବାରେ ସାହାଯ୍ୟ କରେ ଯାହା ସେମାନଙ୍କୁ ଭବିଷ୍ୟତରେ ଉତ୍ତମ ଶିକ୍ଷା, କର୍ମକ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ଏବଂ ଆଜୀବନ ଉପାର୍ଜନକ୍ଷମ ରଖିଥାଏ । ଏହା ହିଁ ଜୀବନର ମୂଳ ଭିତ୍ତି ସ୍ଥାପନ ।

ସ୍ତନ୍ୟପାନ ଏବଂ ଶିଶୁ ଓ ଛୋଟ ପିଲାମାନଙ୍କର ପର୍ଯ୍ୟାପ୍ତ ପୋଷଣ, ଶିଶୁମାନଙ୍କ ଅପପୁଷ୍ଟି-ଉଭୟ ଅଳ୍ପ ପୁଷ୍ଟି ତଥା ମୋଟାପଣର ନିରାକରଣରେ ସହାୟକ ହୋଇଥାଏ । ଶୈଶବ କାଳରେ ଅନ୍ୟାନ୍ୟ ସାଧାରଣ ରୋଗ ସଂକ୍ରମଣରୁ ରକ୍ଷା କରିବା ସହିତ ସଂକ୍ରମିତ ନ ହେଉଥିବା ରୋଗ ଯଥା-ଟାଇପ୍-୨ ଡାଇବେଟିସ୍ ଏବଂ କ୍ୟାନସର ଭଳି ରୋଗକୁ କମାଇବାର କ୍ଷମତା ମଧ୍ୟ ଏଥିରେ ଥାଏ । ଏହା ହିଁ ଜୀବନ ପାଇଁ ପୋଷଣ (ଅଭିବୃଦ୍ଧି, ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ଉପଯୁକ୍ତ ଖାଦ୍ୟ) ।

ବିଶ୍ୱ ସ୍ତନ୍ୟପାନର ସ୍ଥିତି ଅନୁଧ୍ୟାନ କଲେ ଜଣାଯାଏ ୟୁନିସେଫ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହିଁ ବିଶ୍ୱରେ ସ୍ତନ୍ୟପାନର ହାର ବଢ଼ାଇବା ପାଇଁ ଅଧିକ ଅର୍ଥ ବିନିଯୋଗ କରିବାକୁ ଯୁକ୍ତି ଉପସ୍ଥାପନା କରି ସାରା ବିଶ୍ୱକୁ ପ୍ରୋତ୍ସାହିତ କରି ଶେଷରେ ଦର୍ଶାଇଛନ୍ତି - ଛଅ ମାସରୁ କମ୍ ବୟସର ଶିଶୁମାନଙ୍କର କେବଳ ସ୍ତନ୍ୟପାନ ହାର ୫୫% ଅଛି ବୋଲି ରିପୋର୍ଟ ଥିବା ସତ୍ତ୍ୱେ ଭାରତ ଜନସଂଖ୍ୟାର ଅଧିକାଂଶ ଶିଶୁ ଏବଂ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁ ମୃତ୍ୟୁହାର ଦେଖିଲେ ଜଣାଯାଏ, ପ୍ରତିବର୍ଷ ୯୯,୪୯୯ ଶିଶୁ କେବଳ ଡାଇରିଆ ଓ ନିମୋନିଆ କାରଣରୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି, ଯାହାକୁ କି ଛଅ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଓ ଛଅ ମାସ ପରଠାରୁ ଉପଯୁକ୍ତ ଅନୁପୂରକ ଖାଦ୍ୟ ସହ ସ୍ତନ୍ୟପାନ ଜାରୀ ରଖିବା ଦ୍ୱାରା ପ୍ରତିରୋଧ କରାଯାଇ ପାରନ୍ତା । ସଠିକ ସ୍ତନ୍ୟପାନ କରୁ ନଥିବା ଅଧିକାଂଶ ଶିଶୁ ମୃତ୍ୟୁ ଏବଂ କ୍ୟାନସର ଓ ଟାଇପ-୨ ଡାଇବେଟିସ୍ ଯୋଗୁଁ ବଢୁଥିବା ମାତୃ ମୃତ୍ୟୁ ହାରକୁ ହିସାବ କଲେ ଦେଖାଯାଏ - ଏହା ଦ୍ୱାରା ଭାରତୀୟ ଅର୍ଥନୀତିରୁ ୭ ବିଲିୟନ ଡଲାର ଖର୍ଚ୍ଚ ହୋଇ ଯାଉଛି । ଏହା ସହ ଆଉ ୭ ବିଲିୟନ ଡଲାର ଅଜ୍ଞତା ଯୋଗୁଁ କ୍ଷତି ହେଉଛି । ଅର୍ଥାତ୍ ମୋଟ ୧୪ ବିଲିୟନ ଡଲାର ବା ଭାରତୀୟ ମୋଟ ଜାତୀୟ ଆୟର ୦.୭% କ୍ଷତି ସହିବାକୁ ପଡୁଛି ।

ତଥାପି...

୫ ଜଣ ନବଜାତ ଶିଶୁଙ୍କ ମଧ୍ୟରୁ ୩ଜଣ ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରୁ ନାହାନ୍ତି ।

୨ ଜଣ ମାଆଙ୍କ ମଧ୍ୟରୁ ୧ଜଣ ମାଆ ତାର ଶିଶୁକୁ କେବଳ ସ୍ତନ୍ୟପାନ କରାଇବାକୁ ସମର୍ଥ ହୋଇ ପାରୁ ନାହାନ୍ତି ।

୧୦ ଜଣଙ୍କ ମଧ୍ୟରୁ ୯ ଜଣ ଶିଶୁ ଛଅ ମାସ ପରେ ମାଆ କ୍ଷୀର ସହ ଉପଯୁକ୍ତ ଖାଦ୍ୟ ଖାଇ ପାରୁ ନାହାନ୍ତି ।



> "ନିରନ୍ତର ବିକାଶ ଲକ୍ଷ୍ୟରେ ସ୍ତନ୍ୟପାନ କଥା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇ ନାହିଁ । କିନ୍ତୁ ଅନୁକ୍ରମ / ପର୍ଯ୍ୟାୟ ତଥ୍ୟ ଦର୍ଶାଉଛି ଯେ ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା, ଶିକ୍ଷା, ସମାନତା, ବିକାଶ ଏବଂ ପରିବେଶର ସୁରକ୍ଷା ନିମିତ୍ତ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ଦିଗରେ ସ୍ତନ୍ୟପାନ ବିଶେଷ ଭାବେ ସହାୟକ ହୋଇ ପାରନ୍ତା ।" (LANCET-2016)

ମହିଳାମାନଙ୍କୁ ଭାରତ କିପରି ସହାୟତା ଦେଉଛି

ସାମାଜିକ ସ୍ତରରେ, କର୍ମକ୍ଷେତ୍ରରେ, ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରି ଶିଶୁମାନଙ୍କ ପାଇଁ ପର୍ଯ୍ୟାପ୍ତ ଭୋଜନ ବ୍ୟବସ୍ଥା

ମହିଳାମାନେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ

ଶିଶୁମାନଙ୍କୁ ପର୍ଯ୍ୟାପ୍ତ ଭୋଜନ କରାଇବା ପାଇଁ ସକ୍ଷମ ହେବାକୁ ମାଆମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଉପଯୁକ୍ତ ପରିବେଶ ସୃଷ୍ଟି କରିବାରେ ଅନେକ ପ୍ରତିବନ୍ଧକ ରହିଛି । କେବଳ ସ୍ତନ୍ୟପାନ କରାଇବା ପାଇଁ ପ୍ରତିବନ୍ଧକ ସୃଷ୍ଟି ହୁଏ ଗର୍ଭାବସ୍ଥାରେ, ଜନ୍ମ ହେବାର ପ୍ରଥମ ଦିନ ଏବଂ ପ୍ରଥମ ଛଅ ମାସ ମଧ୍ୟରେ । ସେହିପରି ଛଅ ମାସ ପରେ ଉତ୍ତମ ଅନୁପୂରକ ଖାଦ୍ୟ ଖୁଆଇବା ସହ ମାଆ କ୍ଷୀର ଜାରୀ ରଖିବାରେ ମଧ୍ୟ ଅନେକ ପ୍ରତିବନ୍ଧକ ।

ସେଗୁଡ଼ିକ ହେଲା- ମାଆମାନଙ୍କର ଚାକିରୀ ଏବଂ କର୍ମକ୍ଷେତ୍ରର ଅନୁପଯୁକ୍ତ ବାତାବରଣ, ସ୍ୱାସ୍ଥ୍ୟସେବା ଯୋଗାଉଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କର ଦକ୍ଷତା ତଥା ପରିବେଶର ଅଭାବ, ଗର୍ଭାବସ୍ଥାରେ ଏବଂ ଶିଶୁ ଜନ୍ମ ପରେ ଉପଯୁକ୍ତ ପରାମର୍ଶର ଅଭାବ, ଖୁବ୍ ଡେରିରେ ସ୍ତନ୍ୟପାନ ଆରମ୍ଭ କରାଇବା, ମାଆ କ୍ଷୀର ଦେବା ପୂର୍ବରୁ ଅନ୍ୟାନ୍ୟ ଖାଦ୍ୟ ଓ ପାନୀୟ ଦେବା ସହ ଅନେକ ଗୁଡ଼ିଏ ଅଜ୍ଞତା ଓ ଅନ୍ଧବିଶ୍ୱାସ ଅପରେସନ ହୋଇ ଶିଶୁ ଜନ୍ମ ହେବା, ଡାକ୍ତରଙ୍କ ବିନା ପରାମର୍ଶରେ ବଜାରରେ ମିଳୁଥିବା ଶିଶୁ ଖାଦ୍ୟ ଖୁଆଇବା, ସ୍ତନ୍ୟପାନ କରାଇବାରେ ଅସୁବିଧା ଯଥା ନିପଲ୍‌ରେ ଘାଆ ହେବା, ନିପଲ ଭିତରକୁ ପଶିଥିବା, ମାଷ୍ଟାଇଟିସ୍ ଇତ୍ୟାଦି ଏବଂ ଯଥେଷ୍ଟ କ୍ଷୀର ହେଉନଥିବାର ମାନସିକତା ।

ଉପଯୁକ୍ତ ସମୟରେ ଉପଯୁକ୍ତ ପରିମାଣ ତଥା ଗୁଣାତ୍ମକ ଖାଦ୍ୟ ଖୁଆଇବାରେ ପ୍ରତିବନ୍ଧକ ଗୁଡ଼ିକ ହେଲା-

ପିତାମାତାଙ୍କର ଶିଶୁ ଖାଦ୍ୟ ସମ୍ପର୍କରେ ଜ୍ଞାନର ଅଭାବ, ଯଥା:- କ'ଣ, କିପରି, କେତେବେଳେ, କେତେ ମାତ୍ରାରେ ଭିନ୍ନ ଖାଦ୍ୟ ଖୁଆଇବାକୁ ପଡ଼ିବ; ଘର ପାଖରେ ଶିଶୁମାନଙ୍କୁ ଖୁଆଇବା ପାଇଁ ଆବଶ୍ୟକ ଭିନ୍ନ ଭିନ୍ନ ଖାଦ୍ୟ ଉପଲବ୍ଧ ନହେବା; ବର୍ତ୍ତମାନ ପ୍ରଚଳିତ ନୀତି ଗୁଡ଼ିକର କାର୍ଯ୍ୟକାରୀ କରିବାରେ ଦୁର୍ବଳତା; ଯାହା ବି ସୁବିଧା ଅଛି - ସେଗୁଡ଼ିକୁ ମାଆମାନଙ୍କ ପାଖରେ ପହଞ୍ଚାଇ ନ ପାରିବା ହେଉଛି ଭିତିରି କାରଣ ।

ପ୍ରଚଳିତ ନୀତିର ସାହାଯ୍ୟ ନେଇ ଜିଲ୍ଲା ତଥା ବ୍ଲକ୍ ସ୍ତରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଏବଂ ସାମାଜିକ ସ୍ତରରେ ଥିବା ସୁବିଧା ସୁଯୋଗକୁ ବ୍ୟବହାର କରି ଉପଯୁକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ସେଗୁଡ଼ିକୁ କାର୍ଯ୍ୟକାରୀ କରାଗଲେ ଏହି ପ୍ରତିବନ୍ଧକ ଗୁଡ଼ିକ ଯେ ଦୂର ହୋଇ ପାରିବ - ଏହାର ଯଥେଷ୍ଟ ପ୍ରମାଣ / ନଜୀର ରହିଛି ।

ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ ଭାରତ ମହିଳାମାନଙ୍କୁ କିପରି ସହାୟତା କରୁଛି

ବିଶ୍ୱ ସ୍ତନ୍ୟପାନ ଗତିର ଆଦ୍ୟ ଅନୁଷ୍ଠାନ (WBT*i*) ୨୦୧୮ର ଆକଳନ ଅନୁଯାୟୀ ପ୍ରତିବନ୍ଧକ ଗୁଡ଼ିକ ଦୂର କରିବା ପାଇଁ ମହିଳାମାନଙ୍କୁ ଆବଶ୍ୟକ ସହାୟତା ଦେବା କ୍ଷେତ୍ରରେ ଥିବା ଅଧିକାଂଶ ମାପକରେ ଭାରତ ପଛରେ ରହିଛି । ୧୦ଟି IYCF ନୀତି ଏବଂ କାର୍ଯ୍ୟକ୍ରମର ମାପକକୁ ନେଇ WBT*i* ଅନୁଧ୍ୟାନ କରିଥିଲେ । ପ୍ରତ୍ୟେକ କ୍ଷେତ୍ରରେ ୧୦ନମ୍ବର ଥିଲା ଏବଂ ସଫଳତାର ନମ୍ବର ଅନୁଯାୟୀ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରାଯାଇଥିଲା । ଲାଲ, ହଳଦୀ, ନୀଳ ଏବଂ ସବୁଜ - ତଳୁ ଉପରକୁ ଉଠିବା କ୍ରମରେ । ଚିତ୍ର- ୧ ରେ ଏହି ମାପକ ଗୁଡ଼ିକରେ ଭାରତର ସ୍ଥିତି ଦର୍ଶାଯାଇଛି ।

ବିଶ୍ୱ ସ୍ତନ୍ୟପାନର ଆଦ୍ୟ ଅନୁଷ୍ଠାନ (WBT*i*) ର ବିଶ୍ୱ ସ୍ତରୀୟ କାର୍ଯ୍ୟକ୍ରମରେ ୯୭ଟି ଦେଶ ଜୁନ୍ ୨୦୧୮ସୁଦ୍ଧା ଯୋଗ ଦେଇଥିଲେ । ବିଶ୍ୱସ୍ତରରେ ଭାରତର ସ୍ଥାନ ୭୮ । ଗତ ୨୦୦୫ ରୁ ୨୦୧୮ ମଧ୍ୟରେ ୫ଥର ମୂଲ୍ୟାଙ୍କନ କରାଯାଇଛି ଏବଂ କୌଣସି ଥର ଭାରତ ସେପରି ଆଖି ଦୃଶିଆ ସଫଳତା ଦେଖାଇ ପାରି ନାହିଁ । ୨୦୧୫ରେ ଭାରତର ଗଣନଙ୍କ ୧୦୦ ରୁ ୪୪ ଥିଲା ବେଳେ ୨୦୧୮ରେ ତାହା ୧୦୦ ରୁ ୪୫ ହୋଇଛି । ଚିତ୍ର-୧ ରେ ଶ୍ରୀଲଙ୍କା ଭାରତ ଠାରୁ ଅଧିକ ନମ୍ବର ରଖି ଆଗରେ ଅଛି । ୬ଟି ମାପକରେ ଶ୍ରୀଲଙ୍କା ସବୁଜ ସ୍ତରରେ ଥିବାବେଳେ ଭାରତ କୌଣସି ଗୋଟିଏରେ ବି ସବୁଜ ସ୍ତରକୁ ଯାଇ ନାହିଁ । ସେହିପରି ୩ଟି ମାପକରେ ଭାରତ ନାଲି ସ୍ତରରେ ରହିଥିଲା ବେଳେ ଶ୍ରୀଲଙ୍କାର ଆଦୌ ନାଲି ନାହିଁ । ସେଥିପାଇଁ କେବଳ ସ୍ତନ୍ୟପାନ ଓ ଉପଯୁକ୍ତ ଅନୁପୂରକ ଖାଦ୍ୟ ମାପକ ଗଣନାଙ୍କରେ ଶ୍ରୀଲଙ୍କା ଭାରତଠାରୁ ଏତେ ଉପରେ ଅଛି ।

ଚିତ୍ର-୧ ଭାରତ ବନାମ ଶ୍ରୀଲଙ୍କା, WBT*i* ର ୧୦ଟି ମାପକରେ

ଭାରତ (୨୦୧୮ରେ ହୋଇଥିବା ୧୦ଟି ମାପକରୁ ମିଳିଥିବା ଗଣନାଙ୍କ ଅପ୍ରକାଶିତ)



ଶ୍ରୀଲଙ୍କା (୧୦ଟି ମାପକରୁ ମିଳିଥିବା ଗଣନଙ୍କ) ୨୦୧୬



0-3.5 | 4-6.5 | 7-9 | >9

ଭାରତ ଓ ଏହାର ରାଜ୍ୟ ଗୁଡ଼ିକ ପାଇଁ ଧାର୍ଯ୍ୟ ଲକ୍ଷ୍ୟ

୨୦୧୨ରେ ବିଶ୍ୱ ସ୍ୱାସ୍ଥ୍ୟ ସମ୍ମିଳନୀର ଧାରା ୬୫.୬ ରେ ମାଆ ଓ ନବଜାତକ ତଥା ଶିଶୁ ମାନଙ୍କର ସୁସ୍ଥତା ପାଇଁ ଏକ ବ୍ୟାପକ କାର୍ଯ୍ୟକାରୀ ଯୋଜନା ପ୍ରଣୟନ କରିଥିଲେ । ଯେଉଁଥିରେ ୨୦୨୫ ସୁଦ୍ଧା ୬ ଟି ବିଶ୍ୱ ସ୍ତରୀୟ ପୁଷ୍ଟିସାଧନ ଲକ୍ଷ୍ୟ ପୂରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ୫ ମ ଧାର୍ଯ୍ୟ ଲକ୍ଷ୍ୟର ଉଦ୍ଦେଶ୍ୟ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ହାର ୨୦୧୨ରେ ଥିବା ୩୮% ରୁ ଅତିକମ୍‌ରେ ୨୦୨୫ ସୁଦ୍ଧା ୫୦% କରାଇବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଦେଶମାନଙ୍କର ଧାର୍ଯ୍ୟ ଲକ୍ଷ୍ୟ ସ୍ଥିର କରିବା ପାଇଁ ଏକ ସୁଚିନ୍ତିତ ପରିକଳ୍ପନା କରିଥିଲେ । WHO ର ପରିକଳ୍ପନା ଅନୁସାରେ ଭାରତର ବିଭିନ୍ନ ରାଜ୍ୟ ପାଇଁ ୨୦୨୫ସୁଦ୍ଧା ବିଶ୍ୱ ସ୍ତରୀୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଚିତ୍ର-୨ ରେ ଥିବା ସଂଖ୍ୟା ଆକଳନ କରାଯାଇଛି ।

NFHS-4 ର ସମୀକ୍ଷା ଦର୍ଶାଉଛିଯେ ୧୦୧ ଆଗ୍ରହୀ ଜିଲ୍ଲାମାନଙ୍କ ମଧ୍ୟରୁ ୯୬ଟି ଜିଲ୍ଲାରେ ଜନ୍ମର ୧ ଘଣ୍ଟା ମଧ୍ୟରେ ନବଜାତକମାନେ ସ୍ତନ୍ୟପାନ ଆରମ୍ଭ କରିଥାନ୍ତି । ସେମାନଙ୍କ ମଧ୍ୟରୁ ୭୦ଟି ଜିଲ୍ଲାରେ ୫୦% ରୁ କମ୍, ୨୬ ଟି ଜିଲ୍ଲାରେ ୪୯.୧% - ୮୯% ଏବଂ କୌଣସି ଜିଲ୍ଲାରେ ୮୯% ରୁ ଅଧିକ ନାହାନ୍ତି ।

ଭାରତରେ ଏହି ଲକ୍ଷ୍ୟ ପୂରଣ କରିବା ନିମନ୍ତେ ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ କାର୍ଯ୍ୟକ୍ରମ ହେବା ଦରକାର ।

ଚିତ୍ର-୨ କେବଳ ସ୍ତନ୍ୟପାନ ହାର କରାଇବା ନିମନ୍ତେ ଭାରତ ଓ ତାର ରାଜ୍ୟ ଗୁଡ଼ିକ ପାଇଁ ୨୦୨୫ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ।



ପ୍ରତିବନ୍ଧକ ଗୁଡ଼ିକୁ ନିୟନ୍ତ୍ରଣ / ଦୂର କରିବା ପାଇଁ କ'ଣ କରାଯାଇପାରିବ

ମହିଳାମାନେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବାକୁ ହେଲେ ଆମକୁ ଘରେ, ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବଂ କର୍ମକ୍ଷେତ୍ରରେ କିଛି ବ୍ୟବସ୍ଥା କରିବାକୁ ପଡ଼ିବ । ତେଣୁ ସମସ୍ତଙ୍କର ଏ କ୍ଷେତ୍ରରେ କିଛି ନା କିଛି ଭୂମିକା ଅଛି । ବିଶ୍ୱ ସ୍ତନ୍ୟପାନ ସମ୍ମିଳନୀ ସ୍ତନ୍ୟପାନ ତଥା ଶିଶୁ ଓ ଛୋଟ ପିଲାମାନଙ୍କର ସଠିକ ଖାଦ୍ୟାଭ୍ୟାସ ପାଇଁ ଅର୍ଥ ବିନିଯୋଗ କରିବାକୁ ପ୍ରସ୍ତାବ ଦେଇଛନ୍ତି ଯାହା ଆର୍ଥିକ ଉନ୍ନତି ସହିତ ସ୍ୱାସ୍ଥ୍ୟ ଓ ବିକାଶରେ ଲାଭ ଦାୟକ ହୋଇପାରିବ । ତହିଁରୁ ଗୋଟିଏ ମୁଖ୍ୟ ସୁପାରିଶ ହେଉଛି ନୀତି ଓ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିବା ।



କେନ୍ଦ୍ର ସରକାର କ'ଣ କରିପାରିବେ

- ବାଧା ଗୁଡ଼ିକୁ ଦୂର କରିବା ପାଇଁ ନିଶ୍ଚିତ ଅର୍ଥ ବ୍ୟବସ୍ଥା ସହ ଏକ କାର୍ଯ୍ୟସୂଚୀ ପ୍ରଣୟନ କରିବା (ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ନୀତି ଆୟୋଗକୁ ନେଇ ଏକ ଜାତୀୟ କର୍ମଶାଳା କରାଇବା) ।
- ଉଭୟ ସ୍ୱାସ୍ଥ୍ୟ ଓ ମହିଳା ଶିଶୁ ବିକାଶ ମନ୍ତ୍ରଣାଳୟରେ ସମନ୍ୱୟ ରକ୍ଷା କରିବା ପାଇଁ ଜଣେ ଜଣେ ପୂର୍ଣ୍ଣକାଳୀନ ଅଧିକାରୀଙ୍କୁ ନିଯୁକ୍ତି ଦେବା ।
- ପ୍ରତ୍ୟେକ ଜନ୍ମିତ ଶିଶୁ ପାଇଁ 4.7 US ଡଲାର ବା Rs.315/- ଆର୍ଥିକ ବ୍ୟବସ୍ଥା ସୁନିଶ୍ଚିତ କରାଯାଉ ଯାହା IMS Act ର ସଫଳ କାର୍ଯ୍ୟାନ୍ୱୟନ ସହ ଦକ୍ଷ ପରାମର୍ଶ, ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା, ମାଆମାନଙ୍କର ଦକ୍ଷତା ବୃଦ୍ଧି ଏବଂ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିବା ପାଇଁ ଆବଶ୍ୟକ । (ବିଶ୍ୱବ୍ୟାଙ୍କ / ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ / ୟୁନିସେଫ ଦ୍ୱାରା ଅନୁମୋଦିତ)
- ସୁନିର୍ଦ୍ଦିଷ୍ଟ ବ୍ୟୟ ବରାଦସହ ଏକ ଯୋଜନା କରାଯାଉ (ଏହାକୁ ପ୍ରଧାନ ମନ୍ତ୍ରୀ ସ୍ତନ୍ୟପାନ ସୁରକ୍ଷା ଏବଂ ସମୃଦ୍ଧିକରଣ ଯୋଜନା ଭାବେ ନାମିତ କରାଯାଇ ପାରେ) । ଯାହା ସ୍ତନ୍ୟପାନ ତଥା ଶିଶୁ ଓ ଛୋଟ ପିଲାମାନଙ୍କର ଖାଦ୍ୟ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ବ୍ୟୟ କରାଯିବ । ହୁଏତ କେନ୍ଦ୍ର ଏବଂ ରାଜ୍ୟ ୫୦/୫୦ ଭାଗ ବହନ କରି ପାରନ୍ତି ।
- ଜାତୀୟ ପୁଷ୍ଟି କାଉନସିଲ ପ୍ରତି ୬ ମାସରେ ଯୋଜନାର ସମୀକ୍ଷା କରିବେ ।
- ଜାତୀୟ IYCF ପରିଚାଳନା କମିଟି ପ୍ରତି ୬ ମାସରେ ଏହାର ତଦାରଖ ଏବଂ ରାଜ୍ୟ ସ୍ତରୀୟ ଯୋଜନାର ପୁନଃ ସମୀକ୍ଷଣ କରିବେ ।

To achieve the 2025 targets country need to spend **$4.7** per child born

ଜିଲ୍ଲା ପ୍ରଶାସନ

- ରାଜ୍ୟର କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାସ୍ତରରେ ମଧ ସୁନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ପ୍ରଣୟନ କରିବା ଦରକାର ଯାହାଦ୍ୱାରା ଏ କ୍ଷେତ୍ରରେ ଆସୁଥିବା ବାଧାବିଘ୍ନକୁ ଦୂର କରାଯାଇ ପାରିବ ।
- ପ୍ରତ୍ୟେକ ଜିଲ୍ଲାରେ ଲଳିତପୁର ମଡ଼େଲ ଅନୁସରଣ କରାଯାଉ, ଯାହା IYCF ପରାମର୍ଶକୁ ବଢ଼ାଇବାରେ ସାହାଯ୍ୟ କରିବ ।
- ନିୟମିତ ବ୍ୟବଧାନରେ କାର୍ଯ୍ୟକ୍ରମ ଓ ଫଳାଫଳକୁ ସମୀକ୍ଷା କରାଯାଉ । ଜିଲ୍ଲାସ୍ତରରେ ଥିବା ସ୍ୱାସ୍ଥ୍ୟ ଅଧିକାରୀ IMS Act କୁ କାର୍ଯ୍ୟକାରୀ କରିବା ସହିତ ସମୀକ୍ଷା କରି ବାର୍ଷିକ ବିବରଣୀ ପ୍ରସ୍ତୁତ କରିବା ଦରକାର ଏବଂ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ।

ସ୍ୱାସ୍ଥ୍ୟ ସେବାର ସୁବିଧା / ସ୍ୱାସ୍ଥ୍ୟ କର୍ମକର୍ତ୍ତା

- ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ଉପଯୁକ୍ତ ଶିକ୍ଷାପ୍ରାପ୍ତ ପରାମର୍ଶଦାତା ନିଯୁକ୍ତ ହେବା ଦରକାର ଯେଉଁମାନେ ମହିଳାମାନଙ୍କୁ ଗର୍ଭାବସ୍ଥାରୁ ଶିଶୁକୁ ୨ ବର୍ଷ ହେବା ପର୍ଯ୍ୟନ୍ତ ଉପଯୁକ୍ତ ପରାମର୍ଶ ଦେଇପାରିବେ ।
- ଡାକ୍ତରଙ୍କ ନିର୍ଦ୍ଦେଶ ନଥିଲେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡବାକ୍ଷୀର ବ୍ୟବହାର ବନ୍ଦ କରାଯାଉ ।
- ଶିଶୁ ଖାଦ୍ୟ ପ୍ରସ୍ତୁତକାରୀ ସଂସ୍ଥାମାନଙ୍କଠାରୁ କୌଣସି ପ୍ରକାର ସୁବିଧା ସୁଯୋଗ ବା ପ୍ରୋତ୍ସାହନ ନେବାକୁ ମନା କରି ଦିଅନ୍ତୁ ।

ରାଜ୍ୟ ସରକାର କ'ଣ କରି ପାରିବେ ?

- ରାଜ୍ୟ ସ୍ତରୀୟ ମଣ୍ଡଳ ଗଠନ କରାଯାଉ, ଯିଏ ରାଜ୍ୟର ନୀତି ଏବଂ କାର୍ଯ୍ୟକ୍ରମ ଗୁଡ଼ିକୁ ସମୀକ୍ଷା କରି ବିବରଣୀ ପ୍ରଦାନ କରିବେ ।
- IMS Act କୁ କାର୍ଯ୍ୟକାରୀ କରିବାକୁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଉ ଏବଂ ଆଇନର ଧାରା 21(C) ଅନୁସାରେ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଉ ।
- ମାତୃ ସୁରକ୍ଷା ଆଇନ ୨୦୧୭ ଓ IMS Act ସଠିକ ଭାବେ କାର୍ଯ୍ୟ କରିବାକୁ ନିଶ୍ଚିତ କରାଯାଉ ।
- MAA କାର୍ଯ୍ୟକ୍ରମ / ସଫଳ ସ୍ତନ୍ୟପାନ କରାଇବା ପାଇଁ ୧୦ଟି ପଦକ୍ଷେପ ଉଭୟ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ନିଶ୍ଚିତ ଭାବେ କାର୍ଯ୍ୟକାରୀ ହେଉ ।
- ମାଆର ଯଥେଷ୍ଟ କ୍ଷୀର ହେବା ପାଇଁ ଜଣେ ଦକ୍ଷ ପରାମର୍ଶଦାତାଙ୍କୁ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ଦିଆଯାଉ ।
- ବ୍ଲକ୍ ସ୍ତରରେ ମିଳୁଥିବା ସେବାକୁ ସୁଦୃଢ଼ କରାଇ, ଗୋଷ୍ଠୀ ସହଯୋଗ ନେଇ, ସୁଦକ୍ଷ ପରାମର୍ଶ ଦିଆଯାଉ ।

- ଡାକ୍ତରଙ୍କ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ନଥିଲେ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ଡବାକ୍ଷୀର ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଉ ।

- ଏ ସବୁ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ପାଇଁ ଜଣେ ପୂର୍ଣ୍ଣକାଳୀନ ଅଧିକାରୀଙ୍କୁ ନିଯୁକ୍ତ କରାଯାଉ ।

ସଭ୍ୟ ସମାଜ (Civil Society)

- ସରକାରୀ ନୀତି ଏବଂ କାର୍ଯ୍ୟକାରୀତା ତଥା ସ୍ଥାନୀୟ ସ୍ଥିତି ମଧ୍ୟରେ ଥିବା ପାର୍ଥକ୍ୟକୁ ବିଶ୍ଳେଷଣ କରାଯାଉ ।

- ନୀତି ଏବଂ କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଉ ।

- ବାଧା ଗୁଡ଼ିକୁ ଦୂର କରିବା ପାଇଁ ସରକାରଙ୍କୁ ସହଯୋଗ କରାଯାଉ ।
- ନୀତି ପ୍ରଣେତା, କାର୍ଯ୍ୟକ୍ରମ ସଂଚାଳକ ଓ ଗଣମାଧ୍ୟମ ପାଖରେ ପହଞ୍ଚିବା ଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଉ ।

ପରିବାର

- ସ୍ତନ୍ୟପାନର ଗୁରୁତ୍ୱ ବୁଝି ଘରେ ସହଯୋଗ କରାଯାଉ ।
- ସ୍ୱାସ୍ଥ୍ୟକେନ୍ଦ୍ର ତଥା ଅନ୍ୟାନ୍ୟ ସୂତ୍ରରୁ ମିଳୁଥିବା ସୁବିଧା ପାଇବା ପାଇଁ ଦାବୀ କରାଯାଉ ।

ନିଯୁକ୍ତିଦାତା

- ସମସ୍ତ ନିଯୁକ୍ତିଦାତା ମାତୃ ସୁରକ୍ଷା ଆଇନ ୨୦୧୭ କୁ ପତ୍ରାଳାପ ତଥା ଆନ୍ତରିକତା ସହିତ କାର୍ଯ୍ୟକାରୀ କରାନ୍ତୁ - ତା ସହ କର୍ମକ୍ଷେତ୍ରରେ କ୍ରେଚ୍ ତଥା ମାଆକ୍ଷୀର ବାହାର କରିବା ପାଇଁ ଉପଯୁକ୍ତ ସ୍ଥାନର ବ୍ୟବସ୍ଥା କରାନ୍ତୁ । ଶିଶୁସୁରକ୍ଷା ବାତାବରଣ (CSR) ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଉ ।

IMS Act 1992 and Amendment Act 2003

The Maternity Benefit Act 2017

NATIONAL NUTRITION COUNCIL

POSHAN Abhiyaan
PM's Overarching Scheme for Holistic Nourishment
सही पोषण - देश रोशन

References

1. Global Breastfeeding Collective. Nurturing the Health and Wealth of Nations: The Investment Case for Breastfeeding. http://www.who.int/nutrition/publications/infantfeeding/global-bf-collective-investmentcase.pdf?ua=1

2. Resolution WHA65.6. Comprehensive implementation plan on maternal, infant and young child nutrition. In: Sixty-fifth World Health Assembly Geneva, 21-26 May 2012. Resolutions and decisions, annexes. Geneva: World Health Organization; 2012:12-13

3. World Health Organization. Global targets 2025. To improve maternal, infant and young child nutrition. www.who.int/nutrition/topics/nutrition_globaltargets2025/en/

4. World Health Organization. Global targets tracking tool. http://www.who.int/nutrition/trackingtool/en/

5. Kushwaha KP, Sankar J, Sankar MJ et al. Effect of Peer Counselling by Mother Support Groups on Infant and Young Child Feeding Practices: The Lalitpur Experience. Plos One 2014; 9(11): e109181.

6. WHO and UNICEF 2009. Acceptable medical reasons for use of breast-milk substitutes. http://apps.who.int/iris/bitstream/handle/10665/69938/WHO_FCH_CAH_09.01_eng.pdf;jsessionid=854DEFF66FDDEAD18EE262E48535C9B7?sequence=1

bpni putting child nutrition at the forefront of social change | IBFAN defending breastfeeding | WABA

Breastfeeding Promotion Network of India (BPNI)

Address :BP-33, Pitampura, Delhi 110 034. *Tel* +91-11-27312705/06 ,42683059

bpni@bpni.org http://www.bpni.org

@bpniindia @bpni.org

https://www.youtube.com/user/bpniindia

ବି.ପି.ଏନ୍.ଆଇ (BPNI) ସମ୍ବନ୍ଧରେ

ବି.ପି.ଏନ୍.ଆଇ. ହେଉଛି ୨୬ ବର୍ଷର ପୁରୁଣା ପଞ୍ଜିକୃତ, ଲାଭ କରୁନଥିବା ରାଷ୍ଟ୍ରୀୟ ସଂଗଠନ, ଯାହା ସ୍ତନ୍ୟପାନର ସୁରକ୍ଷା, ପ୍ରୋତ୍ସାହନ ଓ ସମର୍ଥନ କରିବା ସହ ଶିଶୁ ଓ ଛୋଟ ପିଲାମାନଙ୍କର ଉପଯୁକ୍ତ ଅନୁପୂରକ ଖାଦ୍ୟ ଓ ପୁଷ୍ଟିସାଧନ ଦିଗରେ କାମ କରେ । ବି.ପି.ଏନ୍.ଆଇ. ସମାଜକୁ ପ୍ରସ୍ତୁତ କରିବାର ପକ୍ଷ ସମର୍ଥନ କରିବା ସହିତ ସୂଚନା ପ୍ରଦାନ, ଶିକ୍ଷାର ପ୍ରସାର, ରିସର୍ଚ୍ଚ, ଟ୍ରେନିଂ କରାଏ ଏବଂ IMS Act ର ଉଲ୍ଲଙ୍ଘନକାରୀ କମ୍ପାନୀମାନଙ୍କ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବା ସହ ନିୟନ୍ତ୍ରଣ କରେ । ବି.ପି.ଏନ୍.ଆଇ. ହେଉଛି IBFAN(International Baby Food Action Network) Asia ପାଇଁ ଆଞ୍ଚଳିକ ଯୋଗାଯୋଗ କେନ୍ଦ୍ର ଏବଂ ଏହା WBT*i* (World Breast Feeding Trends Initiative) ପାଇଁ ବିଶ୍ୱସ୍ତରୀୟ ସଚିବାଳୟର କାର୍ଯ୍ୟ କରୁଅଛି ।

ବି.ପି.ଏନ୍.ଆଇ. ର ନୀତି ଏବଂ କର୍ମ ପଦ୍ଧତି

ବି.ପି.ଏନ୍.ଆଇ. ଶିଶୁଖାଦ୍ୟ, ଖାଇବା ବୋତଲ ଏବଂ ଶିଶୁମାନଙ୍କୁ ଖୁଆଇବା ସମ୍ପର୍କିତ ଯନ୍ତ୍ରପାତି ତିଆରି କରୁଥିବା କମ୍ପାନୀମାନଙ୍କଠାରୁ ଅର୍ଥ କିମ୍ୱା କୌଣସି ପ୍ରକାର ସହଯୋଗ ଗ୍ରହଣ କରେ ନାହିଁ ସ୍ୱାର୍ଥ ଦ୍ୱନ୍ଦ ଯୁକ୍ତ ଅନୁଷ୍ଠାନ ସହିତ ବି.ପି.ଏନ୍.ଆଇ. କେବେ ହେଲେ ସାମିଲ୍ ହୁଏ ନାହିଁ ।

କୃତଜ୍ଞତା ଜ୍ଞାପନ

ଏହି ପତ୍ରିକାକୁ SIDA (Swedish International Development Corporation Agency) ର ସହଯୋଗରେ BPNI, IBFAN-Asia ପ୍ରସ୍ତୁତ କରିଛନ୍ତି WABA ର World Breast Feeding Week-2018 Action Folder ର ତଥ୍ୟ ଆଧାରରେ ଏହା ପ୍ରସ୍ତୁତ ହୋଇଛି ।

ସଂକଳନ - ଡା. ଅରୁଣ ଗୁପ୍ତା, ଡା. ନୀଲମ ଠାକୁର

ସମ୍ପାଦନା - ଡା. ଜେ.ପି. ଦଧିଚୀ, ଡା. ଶୋଭା ସୁରୀ, ମିସ୍ ନୁପୁର ବିଡ଼ଲା

ପୁନର୍ବିଲୋକନ - ଡା. ଅନୀତା ଗୁପ୍ତା, ଡା. ଭାବନା ଧିଙ୍ଗରା, ମିସ୍ ନିର୍ମଳା ସେଲ୍‌ଭମ୍, ଡା. ରୀତା ଗୁପ୍ତା

ପ୍ରଚ୍ଛଦପଟ - ଅମିତ୍ ଡାଲିଆ

ଭାଷାନ୍ତର - ଶରତ କୁମାରୀ ଆଚାର୍ଯ୍ୟ

LB-97, Stage-4, Laxmisagar, Bhubaneswar-6, Mob: +919437120874,
Email- saratakacharya@gmail.com